## ସଂକ୍ଷେପରେ

### ୨୪ରେ ଗରିବ କଲ୍ୟାଣ ସମାବେଶ

ତାଳଚେର,୨୩।୬(ମନୋଜ ନନ୍ଦ): ଆସନ୍ତା ୨୪ ତାରିଖରେ ତାଳଚେର ଦେଉଳବେଡା ଦୁର୍ଗା ମଣ୍ଡପ ପଡ଼ିଆରେ ଭାଜପା ପକ୍ଷରୁ ଗରିବ କଲ୍ୟାଣ ସମାବେଶ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜନସଭାକୁ ସମ୍ବୋଧିତ କରବେ ବୋଲି ଭାଜପା ପକ୍ଷରୁ ତାଳଚେର ଦେଉଳବେଡା ଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ କହିଛନ୍ତି, କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ତାଳଚେରରେ ଗରିବ କଲ୍ୟାଣ ସମାବେଶର ଆୟୋଜନ କରାଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାରଙ୍କ ୯ ବର୍ଷର କାର୍ଯ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ମିଡିଆ ସେଲ୍ ଅଧକ୍ଷ ପର୍ଶୁରାମ ବାରିକ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, ପ୍ରଶାନ୍ତ ନନ୍ଦ ଓ ସୁଶାନ୍ତ ସାମଲ ଉପସ୍ଥିତ ଥିଲେ।

# ପ୍ରଭାବିତ ହେଉଛି ପାଠପଢ଼ା

- ୧୨ ଜଣଙ୍କ ସ୍ଥାନରେ ଅଛନ୍ତି ୬ ଶିକ୍ଷକ
- ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ
- ସମସ୍ୟାରେ କୁଲାଡ଼ ଆଲୁମିନିୟମ ହାଇସ୍କୁଲ



ବଅଁରପାଳ,୨୩।୬ (ଉପେନ୍ଦ୍ର ରାଉତ)

ସ୍କୁଲ ସ୍ଥାପନ ବେଳେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ୭ ଜଣ ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିଲା। ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ ଶିକ୍ଷାନୁଷ୍ଠାନ ଭଲ ଫଳାଫଳ କରୁଥିଲା। ହେଲେ କିଛିବର୍ଷ ହେଲା ଏହି ସଫଳ ଶିକ୍ଷାନୁଷ୍ଠାନ ପ୍ରତି ସରକାରୀ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ଶିକ୍ଷକ ନିଯୁକ୍ତି ଦିଗ ପ୍ରତି ଆଖିବୁଜି ଦିଆଯାଇଛି। ଏହି କାରଣରୁ ୧୨ ଜଣ ଶିକ୍ଷକଙ୍କ ସ୍ଥାନରେ ମାତ୍ର ୬ ଜଣରେ ଶିକ୍ଷାଦାନ ଚାଲିଛି। ଏଥିଯୋଗୁ ଅନୁଗୋଳ ଜିଲା ବଅଁରପାଳ ବ୍ଲକସ୍ଥିତ କୁଲାଡ଼ ଆଲୁମିନିୟମ ହାଇସ୍କୁଲରେ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

୧୯୮୫ ମସିହାରେ ନାଲ୍‌କୋ ଆଲୁମିନିୟମ ପ୍ଲାଣ୍ଟକୁ ନେଇ କୁଲାଡ଼ ଆଲୁମିନିୟମ ହାଇସ୍କୁଲ ସ୍ଥାପିତ ହୋଇଥିଲା। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଉଦ୍ୟମରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଭ କରିଥିଲା। ସ୍କୁଲ ଆରମ୍ଭ ବେଳେ ୭ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଥିବା ବେଳେ ଏବେ ଉକ୍ତ ପଦବୀ ସଂଖ୍ୟା ୧୨ରେ ପହଞ୍ଚିଛି। ହେଲେ ବର୍ତ୍ତମାନ ମାତ୍ର ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଅବସରପ୍ରାପ୍ତ ଶିକ୍ଷକ। ପ୍ରାଥମିକ ବିଦ୍ୟାଳୟରୁ ୨ ଜଣ ଶିକ୍ଷକଙ୍କୁ ଅଣାଯାଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ କଞ୍ଚରା ବିଦ୍ୟାଳୟରୁ ଡେପୁଟେଶନରେ ଏଠାକୁ ଅଣାଯାଇ ଅବସ୍ଥାପିତ କରାଯାଇଛି। ଆହୁରି ୬ ଶିକ୍ଷକ ପଦବୀ ସହ କିରାଣି ପଦବୀ ଦୀର୍ଘଦିନ ହେଲା ଖାଲିପଡିଛି। ୯ମ ଓ ଦଶମ ଶ୍ରେଣୀରେ ବର୍ତ୍ତମାନ ୧୬୩ ଜଣ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ପଢୁଥିବା ବେଳେ କଳା, ଗଣିତ, ସଂସ୍କୃତ, ହିନ୍ଦୀ ଓ ଖେଳ ଶିକ୍ଷକ ପଦବୀରେ କାହାକୁ ନିଯୁକ୍ତି ମିଳିନାହିଁ। ଫଳରେ ଏସବୁ ବିଷୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅତୀତରେ ଏହି ଶିକ୍ଷାନୁଷ୍ଠାନ ଭଲ ରେଜଲ୍ଟ କରୁଥିଲା। ଏଠାରେ ପଢ଼ିଥିବା ଅନେକ ଛାତ୍ରୀଛାତ୍ର ଏବେ ସମାଜରେ ପ୍ରତିଷ୍ଠାଲାଭ କରିପାରିଛନ୍ତି। ମାତ୍ର ଦୀର୍ଘଦିନ ହେଲା ଏପରି ଏକ ସଫଳ ବିଦ୍ୟାଳୟ ପ୍ରତି ଅବହେଳା ପ୍ରଦର୍ଶନ କରାଯିବା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରମାନେ ପ୍ରାୟ ୪ ଲକ୍ଷ ଟଙ୍କା ସହାୟତା କରିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ସ୍କୁଲର ଉନ୍ନତୀକରଣ ପାଇଁ ପ୍ରାୟ ୧୧ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକ ମହଲରେ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ସରକାର ଅଧିକ ଶିକ୍ଷକ ନିଯୁକ୍ତି ଦେଲେ ଉକ୍ତ ସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯିବ।

### ଘୋର ଚିନ୍ତାର ବିଷୟ



କୁଲାଡ଼ ଆଲୁମିନିୟମ ହାଇସ୍କୁଲ ଏକ ପୁରାତନ ଶିକ୍ଷାନୁଷ୍ଠାନ। ଆଖପାଖ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। କିନ୍ତୁ ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବା ଘୋର ଚିନ୍ତାର ବିଷୟ ହୋଇଛି।

-ଉଷାରାଣୀ ସ୍ୱାଇଁ, କୁଲାଡ଼ ସରପଞ୍ଚ

### କୌଣସି ପଦକ୍ଷେପ ନିଆଯାଉ ନାହିଁ



କୁଲାଡ଼ ହାଇସ୍କୁଲ ବର୍ତ୍ତମାନ ଅବସରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ଚାଲିଛି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଅନେକ ଅସୁବିଧା ଉପୁଜୁଛି। ଏ ନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରାଗଲେ ମଧ ସୁଫଳ ମିଳୁନାହିଁ।

-ଅଶୋକ ବିଶୋଇ, ଗ୍ରାମ ସଭାପତି

### ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆଯାଉ



୧୯୮୫ ମସିହାରେ ଏହି ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ପୂର୍ବରୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଏବେ ୫ଟି ବିଷୟରେ ପାଠ ପଢାଇବା ପାଇଁ ଶିକ୍ଷକ ନାହାନ୍ତି।

-ବିଭବ ଜେନା, ପ୍ରଥମ ବ୍ୟାଚ ଛାତ୍ର

### ଶିକ୍ଷାର ମାନ ହ୍ରାସ ପାଉଛି



କୁଲାଡ଼ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଘୋର ଅଭାବ ରହିଛି। ୧୨ ଜଣଙ୍କ ସ୍ଥାନରେ ମାତ୍ର ୬ଜଣ ଅଛନ୍ତି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଶିକ୍ଷାର ମାନ ହ୍ରାସ ପାଉଛି। ଶିକ୍ଷାଦାନରେ ବହୁ ଅସୁବିଧା ସୃଷ୍ଟି ହେଉଛି।

-ମନୋଜ ସ୍ୱାଇଁ, ପୁରାତନ ଛାତ୍ର

### ବରିଷ୍ଠ ଶିକ୍ଷାବିତ୍‌ଙ୍କ ପରଲୋକ



ବଅଁରପାଳ,୨୩।୬(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତଳମୂଳ ଶାସନର ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ (୯୨)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ବୋହୂ, ପୁଅ, ଝିଅ, ଜ୍ୱାଇଁ ଓ ନାତୁଣୀନାତିମାନେ ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ତଳମୂଳଶାସନରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଆଦର୍ଶ, ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ଏଥିସହ ସ୍ଥାନୀୟ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରତିଷ୍ଠାତା କୋଷାଧ୍ୟକ୍ଷ ଥିଲେ। ଗ୍ରାମର ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ସେ ସକ୍ରିୟ ଭାବେ ସହଯୋଗ କରୁଥିଲେ। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଅରୁଣ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଆଉଟସୋର୍ସିଂ କର୍ମଚାରୀ

ଅନୁଗୋଳ, ୨୩।୬
(ଅମିତ କୁମାର ସାମଲ)



ଆଉଟସୋର୍ସିଂ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମଚାରୀମାନେ ସାମିଲ ହୋଇଥିଲେ। ପରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ସପ୍ତାହେ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ମାସରେ କାର୍ଯ୍ୟ ବନ୍ଦ ସହିତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

ସଂଘ ପକ୍ଷରୁ କୁହାଯାଇଛି, ୨୦୧୮ରେ ଆନ୍ଦୋଳନ ବେଳେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ମାସେ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ମହାମାରୀ କୋଭିଡ୍ ସମୟରେ ଆଉଟସୋର୍ସି କର୍ମଚାରୀ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଥିଲେ। କିନ୍ତୁ ଏହି ସମୟରେ ସେମାନଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। ତୁରନ୍ତ ସ୍ଥାୟୀ ଚାକିରି ସହ ଚାକିରି ନିରାପତ୍ତା, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି ପୂରଣ ନ କରାଗଲେ ଆଗାମୀ ଦିନରେ ଏହାର ଫଳ ସରକାରଙ୍କୁ ଭୋଗିବାକୁ ପଡ଼ିବ। ଏହି ଆନ୍ଦୋଳନରେ ଅନୁଗୋଳ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀ ଯୋଗ ଦେଇଥିଲେ। ମହାସଂଘ ସଭାପତି ଯୁଗନମୟୀ ଦାଶ ଓ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ, ଉପସଭାପତି ଅଖିଳ କୁମାର ସାହୁ, ସହ ସମ୍ପାଦକ ରଶ୍ମିତା ବେହେରା, କୋଷାଧକ୍ଷ ବାପୁନ ମହାକୁଡ଼୍, ସୌମ୍ୟା ଷଡ଼ଙ୍ଗୀଙ୍କ ସହ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତା ମରାମତି ଉପରେ ଗୁରୁତ୍ୱ

ଅନୁଗୋଳ,୨୩।୬(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। କନିଷ୍ଠ ମୋଟର ଯାନ ନିରୀକ୍ଷକ ଦିବ୍ୟଜ୍ୟୋତି ମହନ୍ତ ପାୱାର ପଏଣ୍ଟ ମାଧମରେ ଗତ ମାସରେ ଜିଲା ସଦର ମହକୁମା ଏବଂ ଉପଖଣ୍ଡରେ ହୋଇଥିବା ବିଭିନ୍ନ ଦୁର୍ଘଟଣା, ମୃତ୍ୟୁହାର, କ୍ଷୟକ୍ଷତି ଏବଂ କ୍ଷତିପୂରଣ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ବଅଁରପାଳ ଛକ ରାସ୍ତା ତୁରନ୍ତ ମରାମତି ଓ ଆଲୋକୀକରଣ କରାଯିବା ସହିତ ବର୍ଷା ଦିନ ପୂର୍ବରୁ ବଅଁରପାଳ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ଛକରେ ସାଂକେତିକ ଚିହ୍ନ, ସିଗ୍ନାଲ ଆଦି ଠିକ୍ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖମାରସ୍ଥିତ ବାରିକେଡ ମରାମତି, କଣ୍ଟିଆପଶି ଠାରେ ଡିଭାଇଡର ଲଗାଇବା, ବର୍ଷା ଦିନ ପୂର୍ବରୁ ସମସ୍ତ ଖରାପ ରାସ୍ତା ମରାମତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ବସ୍ ଓ ଟ୍ରକ୍ ଆସୋସିଏଶନ ସଭାପତି ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

କଣିହାଁ,୨୩।୬(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲ ପରିସରରେ ଗୁରୁବାର ବିଭିନ୍ନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତାଳଚେରର ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ'ର କଣିହାଁ ପରିବାର ତରଫରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବକ୍ତାଭାବେ ଶିକ୍ଷାବିତ୍ ଡ. ଚୈତନ୍ୟ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପଦ୍ମଚରଣ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଳୁଚରଣ ପ୍ରଧାନ, କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗଦେଇ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଶିକ୍ଷାର ମହତ୍ତ୍ୱ, ଚରିତ୍ର ଗଠନ ଦିଗରେ ପରାମର୍ଶ ଦେଇଥିଲେ। କଣିହାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାସରଥି ଜେନା ସଭାପତିତ୍ୱ କରିଥିଲାବେଳେ ଶିକ୍ଷକ ଗାଳ୍ପିକ କବି ସିଦ୍ଧି ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନର ମାଟ୍ରିକ, ଦ୍ୱାଦଶ, ସହିତ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ସୁନୀଲ ପ୍ରଧାନ, ସମ୍ପାଦକ ନିର୍ମଳ ସାହୁ, କୋଷାଧକ୍ଷ ରଞ୍ଜନ ସାହୁ ସହଯୋଗ କରିଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ତନିଷ୍କର 'ଦିବ୍ୟାନୀ' କଲେକ୍ସନ୍ ଉନ୍ମୋଚିତ

ଅନୁଗୋଳ, ୨୩।୬
(ଅମିତ କୁମାର ସାମଲ)

ତନିସ୍କ ପକ୍ଷରୁ ରଥଯାତ୍ରା ଅବସରରେ ଏକ ସ୍ୱତନ୍ତ୍ର ଗହଣା କଲେକ୍ସନ 'ଦିବ୍ୟାନୀ' ଉନ୍ମୋଚିତ ହୋଇଯାଇଛି। ଅନୁଗୋଳର ଏକ ହୋଟେଲ୍‌ରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ତନିଷ୍କର ବିଜନେସ୍ ଆସୋସିଏଟ୍ ମନିଷ ହଂସ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ଆରମ୍ଭ କରି ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ଏବଂ ମୁକ୍ତେଶ୍ୱର ମନ୍ଦିରର ଖୋଦିତ ଚିତ୍ର ଓ ପୁରୀ ଜଗନ୍ନାଥ ମନ୍ଦିରର ଡାଞ୍ଚାକୁ ଏହି ସ୍ୱତନ୍ତ୍ର ଗହଣାରେ ସ୍ଥାନିତ କରାଯାଇଛି। ଓଡ଼ିଶାର ସମୃଦ୍ଧ ପରମ୍ପରା ଏବଂ ସ୍ଥାପତ୍ୟକୁ ଏହା ଦର୍ଶାଉଛି। ଏଥିସହ ଗ୍ରାହକଙ୍କୁ ଉତ୍ସବମୁଖର କରିବା ପାଇଁ ତନିଷ୍କ ପକ୍ଷରୁ ହୀରା ମୂଲ୍ୟ ଉପରେ ଏବଂ ସୁନା ଗହଣା ଗଡ଼ା ମଜୁରି ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ରାଜ୍ୟରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ ହେବ ବୋଲି ବିଜ୍‌ନେସ ଆସୋସିଏଟ ହଂସ ପ୍ରକାଶ କରିଥିଲେ। ତନିସ୍କର ରିଟେଲ ମୁଖ୍ୟ ଭିଜେଶ ରାଜନ, ଟାଇଟନ କମ୍ପାନୀ ଲିମିଟେଡ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ(ପୂର୍ବ) ସୋମପ୍ରଭ ସିଂହ ଏବଂ ତନିସ୍କର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ(ପୂର୍ବ) ଆଲୋକ ରଞ୍ଜନ କହିଥିଲେ ଯେ, ଡିଜାଇନ୍ ଗୁଡ଼ିକରେ ରଥ ଆକୃତି ସ୍ଥାନିତ କରାଯାଇ ଉତ୍ସବର ପ୍ରତିଟି ଏଲିମେଣ୍ଟ କ୍ୟାପଚର କରାଯାଇଛି। 'ଦିବ୍ୟାନୀ' କଲେକ୍ସନ ଜରିଆରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ହୃଦୟରୁ ସମ୍ମାନ କରିବା ସହ ପ୍ରତ୍ୟେକ ଗହଣା ପିସ୍ ଏକ ମାଷ୍ଟରପିସ୍ ବୋଲି କୁହାଯାଇଛି। ଏହି ଗହଣାଗୁଡ଼ିକୁ ପରିଧାନ କରି ଜଣେ ଏକ ସମୁଦାୟର ଅଂଶ ଭାବେ ନିଜକୁ ଗର୍ବ ଅନୁଭବ କରିବେ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି।



ତନିଷ୍କ ପକ୍ଷରୁ 'ଦିବ୍ୟାନୀ' କଲେକ୍ସନର ଉନ୍ମୋଚନ କରାଯାଉଛି।



ଅନୁଗୋଳସ୍ଥିତ ଆଡ଼ପ ମଣ୍ଡପରେ ତିନିଠାକୁରଙ୍କ ନୃସିଂହ ବେଶ।



ଆଠମଲ୍ଲିକସ୍ଥିତ ମାଉସୀମା ମନ୍ଦିରରେ ଶ୍ରୀଜୀଉମାନଙ୍କ ବାମନ ଓ ପର୍ଶୁରାମ ଅବତାର।

# ଶିଳ୍ପସଂସ୍ଥା ଦାୟିତ୍ୱବାନ୍ ହୁଅନ୍ତୁ

■ପୋଷ୍ୟଗ୍ରାମ ଗ୍ରହଣ କରିବାକୁ ପରାମର୍ଶ
■ହାତୀ ଆକ୍ରମଣରୁ ସୁରକ୍ଷାକୁ ଗୁରୁତ୍ୱାରୋପ

ଢେଙ୍କାନାଳ, ୨୩।୬(ରତନ ନାୟାର)

ଢେଙ୍କାନାଳ ଜିଲାର ଶିଳ୍ପାନୁଷ୍ଠାନଗୁଡ଼ିକ ଦାୟିତ୍ୱବାନ୍ ହୋଇ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଚିତ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, କର୍ମନିଯୁକ୍ତି ନିଶ୍ଚିତ କରାଇବା ଭଳି କାର୍ଯ୍ୟ ହାତକୁ ନେବା ଜରୁରୀ। ସମୟର ଆହ୍ୱାନକୁ ଗୁରୁତ୍ୱ ଦେଇ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ଏହାକୁ ହୃଦୟଙ୍ଗମ କରିବା ଉଚିତ ବୋଲି କହିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଶୁକ୍ରବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶିଳ୍ପାନୁଷ୍ଠାନ ଏବଂ ଜିଲା ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଏହା କହିଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗମ ତଥା ଅପହଞ୍ଚ ଗ୍ରାମ ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଶିଳ୍ପାନୁଷ୍ଠାନ ଅନ୍ୟୂନ ଗୋଟିଏ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିବା ଆବଶ୍ୟକ। ଫଳରେ ସେଠାରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏଥିସହ କାର୍ଯ୍ୟରେ ଲାଗୁ ନ ଥିବା ଜମିରେ ଚାରାରୋପଣ, ପ୍ରଦୂଷଣ ହ୍ରାସ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ କମ୍ପାନୀଗୁଡ଼ିକ ଆଗକୁ ଆସିବା ଉଚିତ। ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ, କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କୁ ହାତୀ ଆକ୍ରମଣରୁ ସୁରକ୍ଷା ଦେବା ଲାଗି ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ଏ କ୍ଷେତ୍ରରେ ଜିଲା ବନ ବିଭାଗ ପକ୍ଷରୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଭିନ୍ନ ଶିଳ୍ପାନୁଷ୍ଠାନର ଅଧିକାରୀ, ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ, ବିଭିନ୍ନ ବିଭାଗର ଅଧିକାରୀ, ଶିଳ୍ପାନୁଷ୍ଠାନର ବରିଷ୍ଠ ପଦାଧିକାରୀମାନେ।

## ସଂକ୍ଷେପରେ

### ୨ କିଶୋର ଶ୍ରମିକ ଉଦ୍ଧାର

**ଢେଙ୍କାନାଳ, ୨୩।୬(ରତନ ନାୟାର):** ଢେଙ୍କାନାଳ ଜିଲା ଶ୍ରମ ବିଭାଗ ଶୁକ୍ରବାର ହିନ୍ଦୋଳ ବ୍ଲକ ଅଞ୍ଚଳର ବିଭିନ୍ନ ଢାବା, ହୋଟେଲ, ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରି ୨ କିଶୋର ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଚଢ଼ାଉରେ ସ୍ଥାନୀୟ ପୋଲିସ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରତିନିଧି, ଡାକ୍ତର, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ସାମିଲ ହୋଇଥିଲେ। ଉଦ୍ଧାର କିଶୋର ଶ୍ରମିକଙ୍କୁ ଜିଲା ମଙ୍ଗଳ ସମିତି ଅଧକ୍ଷଙ୍କ ନିକଟରେ ହାଜର କରାଯାଇଥିଲା। ନାବାଳକଙ୍କୁ ଶ୍ରମିକ ଭାବେ ନିୟୋଜିତ କରୁଥିବା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। 'ଓଡି-୧୯' ହୋଟେଲରେ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଂକ୍ରାନ୍ତ ସଚେତନ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ଏଥି ପାଇଁ ହୋଟେଲ ମାଲିକଙ୍କୁ ଜିଲା ଶ୍ରମ ଅଧିକାରୀ ସାଧୁବାଦ ଜଣାଇଛନ୍ତି। ଜିଲାର ସମସ୍ତ ହୋଟେଲ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନରେ ଏଭଳି ବାର୍ତ୍ତା ସମ୍ବଳିତ ପୋଷ୍ଟର ଲଗାଇବା ପାଇଁ ନିବେଦନ କରାଯାଇଛି।

### ହାତୀ ପାଇଁ ବନ କର୍ମଚାରୀ ଅଟକ

**ଢେଙ୍କାନାଳ, ୨୩।୬(ରତନ ନାୟାର):** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ବୋରାପଦା ଗ୍ରାମରେ ଶୁକ୍ରବାର ରାତିରେ ହାତୀପଲ ପାଇଁ ବନ କର୍ମଚାରୀ ଅଟକ ରହିବା ଘଟଣା ଆଲୋଚନାର ବିଷୟ ହୋଇଛି। ହସ୍ତଗତ ହୋଇଥିବା ସୂଚନାରୁ ଜଣାପଡ଼ିଛି, ରାତି ପ୍ରାୟ ୯ଟାର ଗ୍ରାମକୁ ଏକ ପଲରେ ୬ଟି ହାତୀ ପଶି ଆସିଥିଲେ। ମେଘା ସଂରକ୍ଷିତ ଜଙ୍ଗଲ ନିକଟରେ ୧୩ ଟିକିଆ ହାତୀପଲକୁ ଘଉଡ଼ାଇବାରେ ବ୍ୟସ୍ତ ଥିବା ବନ କର୍ମଚାରୀଙ୍କୁ ଭୟଭୀତ ଗ୍ରାମବାସୀ ଫୋନ୍ କରିଥିଲେ। ହେଲେ କେହି ଫୋନ୍ ଉଠାଇ ନ ଥିଲେ। କିଛି ସମୟ ପରେ ବନ କର୍ମଚାରୀ ଗାଡ଼ିରେ ଆସି ପହଞ୍ଚିଥିଲେ। ତେବେ ବିଳମ୍ବ କାରଣରୁ ଉତ୍ତେଜିତ ହୋଇପଡ଼ିଥିବା ଗ୍ରାମବାସୀ ଗାଡ଼ି ସହ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ। ସୂଚନା ପାଇ ସଦର ପୋଲିସ, ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ହେଲେ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବା ପରେ କର୍ମଚାରୀଙ୍କୁ ଛଡ଼ାଯିବ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ହାତୀଙ୍କୁ ଘଉଡ଼ାଯିବା ପରେ ବନ କର୍ମଚାରୀ ଛାଡ଼ ପାଇଥିଲେ। ଏହାପରେ ସେମାନେ ପାଟ୍ରୋଲିଂ କରିବାକୁ ଯାଇଥିଲେ ବୋଲି ରେଞ୍ଜର ବିଭୁଦାନନ୍ଦ ମିଶ୍ର ଏବଂ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

### ସୋମବାର ଜନଶୁଣାଣି ଶିବିର

**ଢେଙ୍କାନାଳ, ୨୩।୬(ରତନ ନାୟାର):** ଢେଙ୍କାନାଳ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ସୋମବାର (୨୬ ତାରିଖ) ସାଢ଼େ ୧୦ଟାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପି, ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବେ। ସମ୍ପୃକ୍ତ ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ନିବେଦନ କରାଯାଇଛି। ତେବେ ଜନ ଶୁଣାଣି ଶିବିରକୁ ଆସିବା ପୂର୍ବରୁ ପ୍ରଥମେ ସ୍ଥାନୀୟ ଅଧିକାରୀଙ୍କୁ ସମସ୍ୟା ବିଷୟରେ ଜଣାଇବାକୁ ପରାମର୍ଶ ଦିଆଯାଇଛି।

### ଧୀରପାଟଣାରେ ଆଧ୍ୟାତ୍ମିକ ପରିବେଶ

**ଢେଙ୍କାନାଳ, ୨୩।୬(ରତନ ନାୟାର):** ଢେଙ୍କାନାଳ ସଦର ବ୍ଲକ୍ ଧୀରପାଟଣା ଗ୍ରାମରେ ଘୋଷଯାତ୍ରାକୁ ନେଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଚାରିଚକିଆ ବିଶିଷ୍ଟ ରଥରେ ଦୁଇଟି ଦଉଡ଼ି ବନ୍ଧା ଯାଇଥିବାବେଳେ ଗୋଟିଏ ପଟେ ମହିଳା ଏବଂ ଅନ୍ୟ ପଟକୁ ପୁରୁଷ ଶ୍ରଦ୍ଧାଳୁ ଟାଣିଥିଲେ। ଯୁବରାଜ ଅମରଜ୍ୟୋତି ସିଂଦେଓ ରଥାରୂଢ଼ ଶ୍ରୀଜୀଉଙ୍କ ନିକଟରେ ଆଳତି କରିଥିଲେ। ରାଜପୁରୋଧା ଶଶିଶେଖର ମିଶ୍ର, ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ ନନ୍ଦ, ଗ୍ରାମ ମୁଖିଆ ରବିନାରାୟଣ ସାହୁ, ଅରୁଣ ସାହୁ, ତ୍ରିଲୋଚନ ସାହୁ, ଫକୀରମୋହନ ସାହୁ, ପୂର୍ବତନ ସରପଞ୍ଚ ଗଦାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜନ୍ମବେଦିରେ ଚତୁର୍ଦ୍ଧା ବିଗ୍ରହଙ୍କ ବେଶ ଅନୁଷ୍ଠିତ ହେଉଛି। ସନ୍ଧ୍ୟା ଦର୍ଶନ ପାଇଁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି।

# ଧାରାବିବରଣୀ ଦେଇଥିବା ପ୍ରବଚକ ସମ୍ବର୍ଦ୍ଧିତ

ଢେଙ୍କାନାଳ, ୨୩।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଂସ୍କୃତି ବିଭାଗ ଏବଂ ଦେବୋତ୍ତର ବିଭାଗ ସହାୟତାରେ ସ୍ଥାନୀୟ ରଥଗଡ଼ାସ୍ଥିତ ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ କୋଠା ଉପରେ ଘୋଷଯାତ୍ରାର ଧାରାବିବରଣୀ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ପ୍ରବଚକ ପଣ୍ଡିତ ପ୍ରତାପ ନନ୍ଦ, ପଣ୍ଡିତ ବିପିନ ବିହାରୀ ଶତପଥୀ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଡ. ପ୍ରମୋଦ କୁମାରନାୟକ, କାଳିନ୍ଦୀ ଚରଣ ମହାରଣା ପ୍ରମୁଖ ପ୍ରବଚନ ଶୁଣାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥ ସଂସ୍କୃତିକୁ ଜନମାନସରେ ପ୍ରଚାର ପ୍ରସାର କରିଥିବା ପ୍ରବଚକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।


ଜିଲାପାଳଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରବଚକମାନେ।

# ପରମ୍ପରାରେ ଲୁଚିଛି ମାଟିର ମହକ

ଢେଙ୍କାନାଳ, ୨୩।୬ (ରତନ ନାୟାର)

ଓଡ଼ିଆ ପର୍ବପର୍ବାଣି, ପରମ୍ପରାରେ ମାଟିର ମହକ ଲୁଚିଛି। ଗଣପର୍ବ ରଜ ମାଟି ଓ ମାତୃଜାତିର ମହାନତାକୁ ପ୍ରତିପାଦିତ କରେ ବୋଲି କହିଛନ୍ତି ପ୍ରାଧ୍ୟାପିକା ଡ. ପ୍ରତିଭା ମହାରଥୀ। ବିଶ୍ୱ ଓଡ଼ିଶା ମହିଳା ପରିଷଦ ଓ ଯୋରନ୍ଦା ପଞ୍ଚାୟତ ମହାସଂଘ ଆନୁକୂଲ୍ୟରେ ମହିମାଗାଦି ସାନମଠ ଆମ୍ବତୋଟାରେ ଆୟୋଜିତ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ବରିଷ୍ଠ କୃଷି ଅଧିକାରୀ ଅନନ୍ତ ସାହୁ, ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ବଡ଼ଜେନା ସାହିତ୍ୟ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ, ସମ୍ପାଦକ ପ୍ରେମାନନ୍ଦ ରାଉତ, ବିଶ୍ୱ ଓଡ଼ିଶା ସାହିତ୍ୟ ପରିଷଦ ଜିଲା ସଭାପତି ପଣ୍ଡିତ ବିପିନ ବିହାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ଦିବସରେ ବିଧାୟକ ସୁଧୀର ସାମଲ, ପ୍ରତିନିଧି ନିରାକାର ରାଉତ, ସରପଞ୍ଚ ଆରତୀ ନାୟକ, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନରା, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସାମାଜିକ କର୍ମୀ ଆଲୋକ ରଞ୍ଜନ ରାଉତ, ନବକିଶୋର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଢେଙ୍କାନାଳ ଥିଙ୍କର୍ସ ଫୋରମ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ରୂପମଞ୍ଜରୀ ପଟ୍ଟନାୟକ, ସୁଧାଂଶୁ ଶେଖର ରାଉତ, ଶିକ୍ଷକ ଅଭୟ ସାହୁ, ଶିକ୍ଷୟିତ୍ରୀ ଅବନ୍ତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନିମା ପରିଡ଼ା, ରୀନା ସେଠୀ, କାଦମ୍ବରୀ ମହାଖୁଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଶ୍ୱ ଓଡ଼ିଶା ମହିଳା ପରିଷଦ ରାଜ୍ୟ ଆବାହିକା ରଶ୍ମିତା ରାଉତଙ୍କ ନେତୃତ୍ୱରେ ନର୍ମଦା ରାଉତ, ଚପଳା ବେହେରା, ଶଶିରେଖା ରାଉତ ପ୍ରମୁଖ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ନିରୋଜ ସାମଲ, ଢେଙ୍କାନାଳ ଥିଙ୍କର୍ସ ଫୋରମ ସଭାପତି ସୌମେନ୍ଦୁ ଶତପଥୀ, ଉପଦେଷ୍ଟା ନିର୍ମଳା ମହାପାତ୍ର, ଲେଖିକା ସଂସଦ ଆବାହିକା ସୁକାନ୍ତି ସାହୁ, ସରୋଜ ମହାରଣା, ପ୍ରେମାନନ୍ଦ ପାଣିଗ୍ରାହୀ, ପ୍ରତାପ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୩ ମାସରେ ୪୦ ମୋବାଇଲ ଲୁଟ୍

ଢେଙ୍କାନାଳ, ୨୩।୬(ରତନ ନାୟାର)

ଢେଙ୍କାନାଳ ସହରରେ ମୋବାଇଲ ଚୋରି ବଢ଼ିବାରେ ଲାଗିଛି। ଗତ ୩ ମାସ ମଧ୍ୟରେ କେବଳ ରଥଗଡ଼ା ଅଞ୍ଚଳରୁ ୪୦ ମୋବାଇଲ ଲୁଟ୍ ହୋଇଛି। ଏକ ଲୁଟେରା ଗ୍ୟାଙ୍ଗ୍ ଯୋଜନାବଦ୍ଧ ଭାବେ ପରିବା କିଣିବାକୁ ଆସୁଥିବା ଲୋକଙ୍କଠାରୁ ମୋବାଇଲ ଝାମ୍ପି ନେଇ ପଳାଉଛନ୍ତି। ସାପ୍ତାହିକ ପତ୍ରିକା 'ରକ୍ତ ଚାବୁକ'ର ସମ୍ପାଦକ ଗଗନ ବିହାରୀ ପଣ୍ଡା ମଧ ଦୁର୍ବୃତ୍ତଙ୍କ ଶିକାର ହୋଇଛନ୍ତି। ସହାୟତା ମାଗିବା ବାହାନାରେ ୩ ଜଣ ବ୍ୟକ୍ତି ତାଙ୍କ ଦାମୀ ମୋବାଇଲ ନେଇ ଚମ୍ପଟ ମାରିଥିବା ସେ ଅଭିଯୋଗ କରିଛନ୍ତି।

ଗଗନ କହିଛନ୍ତି, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ସେ ରଥଗଡ଼ାକୁ ଆମ୍ବ କିଣିବା ପାଇଁ ମୋଟର ସାଇକେଲରେ ଆସିଥିଲେ। ଏହି ସମୟରେ ନିକଟରେ ବାଇକ୍ ଉପରେ ବସିଥିବା ଜଣେ ବ୍ୟକ୍ତି ଖସିପଡ଼ିଥିଲେ ଏବଂ ସହାୟତା ପାଇଁ ଗଗନଙ୍କୁ ଡାକିଥିଲେ। ଗଗନ ତାଙ୍କୁ ସହାୟତା କରୁଥିବାବେଳେ ସେଠାରେ ଉପସ୍ଥିତ ଅନ୍ୟ ୨ଜଣ ଆସି ତାଙ୍କ ଶାର୍ଟପକେଟରେ ଥିବା ମୋବାଇଲ୍‌କୁ ନେଇ ଦୌଡ଼ି ପଳାଇଥିଲେ। ଏହାର ସୁଯୋଗରେ ବାଇକ୍‌ରୁ ଖସିପଡ଼ିଥିବା ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ ଉଠି ଗାଡ଼ି ଷ୍ଟାର୍ଟ କରିଥିଲେ। ଏହାପରେ ୩ଜଣ ଅଭିଯୁକ୍ତ ଉକ୍ତ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ରଥଗଡ଼ା ପରିବା ମାର୍କେଟରୁ ବାରମ୍ବାର ମୋବାଇଲ ଚୋରି ହେଉଛି। ତଥାପି ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏପରି କି ଉକ୍ତ ଜନବହୁଳ ସ୍ଥାନରେ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଉନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଝୁଲି ଝୁଲି ଆସେ କଳାଠାକୁର...

ଢେଙ୍କାନାଳ, ୨୩।୬(ରତନ ନାୟାର)

ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ପକ୍ଷରୁ ଢେଙ୍କାନାଳ ବାଜିଚୌକରେ ଚାଲିଥିବା ଭଜନ ସମାରୋହର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। 'ସାଇ ଭଜନ ସନ୍ଧ୍ୟା' ଅନୁଷ୍ଠାନର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ମନଛୁଆଁ ଭଜନ ପରିବେଶରେ ଭରିଦେଇଥିଲା ଉଷ୍ମତା। କାବେରୀ ପ୍ରିୟଦର୍ଶିନୀ ଝୁଲିଝୁଲି ଆସେ କଳା ଠାକୁର..., ଐଶ୍ୱର୍ଯ୍ୟା ମାନସିଂ କୋଟିଏ କରୁଣା କଲଣି ମଣିମା..., କୁମାର ମନୋଜ ଚକାନୟନଙ୍କୁ ଦେଲେ ଅନାଇ... ଶ୍ରୋତାଙ୍କ କରତାଳି ସାଉଁଟିଥିଲା। କୁମାର ଦିଲୀପ, କୁମାର ତ୍ରିଲୋଚନ ମଧ ଭଜନ ପରିବେଷଣ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର ସାମଲ, ସମ୍ମାନିତ ଅତିଥି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। କମିଟି କର୍ମକର୍ତ୍ତା ସଂଗ୍ରାମ କେଶରୀ ପାଣି, ରୁଦ୍ରାନ୍ତ ଦଳେଇ, ସାଗିର ମହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ।

# ଚାପର ବଶବର୍ତ୍ତୀ ନ ହେବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ, ୨୩।୬ (ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଗୋପବନ୍ଧୁ ସେବା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଯୋଗଦେଇ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ କୁମାର ସାମଲ ଯୋଗଦେଇ ଚାପର ବଶବର୍ତ୍ତୀ ନ ହୋଇ ରୁଚି ମୁତାବକ ପାଠ ପଢ଼ିବା ଲାଗି ବିଦ୍ୟାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ନଗରପାଳ ସୁନୀଲ ଶର୍ମା, ସାମାଜିକ କର୍ମୀ ସୁରେଶ ପାଣିଗ୍ରାହୀ, ନାରୀନେତ୍ରୀ ନୀରୋଜ ନଳିନୀ ମହାଳିକ, ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ବ୍ୟବସାୟୀ ସଂଘ ସଭାପତି ରାଜେନ୍ଦ୍ର ଦାସ, ଜନସଂଖ୍ୟା ଫାଉଣ୍ଡେଶନ ସଭାପତି କଲ୍ୟାଣ କାନୁନ୍‌ଗୋ, ଫୋରମ ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଫୋରମ୍ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ଭରତ ଦାସ, ମହିଳା ସଭାନେତ୍ରୀ ପ୍ରଭାତୀ ମହାପାତ୍ର, ସହସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଅମରେନ୍ଦ୍ର ସାହୁ, ଉପଦେଷ୍ଟା ପଙ୍କଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶିକ୍ଷଣ

ଭୁବନ, ୨୩।୬(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଅସୁରବନ୍ଧ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରଶମନ ପାଇଁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଡିଓ କଲ୍ୟାଣ ସୌରଭ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୂଷଳ ସରପଞ୍ଚ ଚୁନି ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତ୍ରିନାଥ ସେଠୀ, ପଞ୍ଚାୟତ ଅଧିକାରୀ ଶ୍ରୀକାନ୍ତ ବେହେରା, ପ୍ରାଣୀଧନ ଚିକିତ୍ସା ବିକାଶ ବିଭାଗ ଅଧିକାରୀ ଡ. ସତ୍ୟସାର୍ଥକ ତ୍ରିପାଠୀ, ଅଗ୍ନିଶମ କେନ୍ଦ୍ର ମୁଖ୍ୟ ମନୋରଞ୍ଜନ ବିଶ୍ୱାଳଙ୍କ ସମେତ ଜନସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାରକାର୍ଯ୍ୟ, ଧନଜୀବନ ସୁରକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଞ୍ଚଳର ନଦୀକୂଳିଆ ଲୋକଙ୍କୁ ବନ୍ୟା ବିପତ୍ତି ଆଶଙ୍କା ବେଶି। ବଢ଼ି ଆସିଲେ କଚ୍ଚାଘରେ ରହୁଥିବା ଲୋକଙ୍କ ସମସ୍ୟା ବଢ଼ିଯାଏ। ଏଭଳି ସମୟରେ ପ୍ରଶାସନର ସହାୟତା ପହଞ୍ଚିବା ପୂର୍ବରୁ କିଭଳି ତ୍ୱରିତ ସୁରକ୍ଷାମୂଳକ ପଦକ୍ଷେପ ନିଆଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆଡ଼ପ ମଣ୍ଡପରେ ଅସମ୍ଭାଳ ଭିଡ଼

ଢେଙ୍କାନାଳ, ୨୩।୬(ରତନ ନାୟାର)

ଢେଙ୍କାନାଳ କୁଞ୍ଜକାନ୍ତ ମଧୁବନ ଅଞ୍ଚଳରେ ଆଡମ୍ବର ସହକାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ପ୍ରେସ୍ ପରିସରରେ ଥିବା ମାଉସୀ ମା' ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଥିବାବେଳେ ଦିଅଁଦର୍ଶନ ପାଇଁ ଅସମ୍ଭାଳ ଭିଡ଼ ହେଉଛି। ଜନ୍ମବେଦିରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି, ପୂଜାର୍ଚ୍ଚନା, ସନ୍ଧ୍ୟା ଆଳତି, ନାମକୀର୍ତ୍ତନ ଅନୁଷ୍ଠିତ ହେଉଛି। ସାମୂହିକ ପ୍ରସାଦସେବନରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହେଉଛନ୍ତି। ସଭାପତି ଡା. ଜଗଦାନନ୍ଦ ତ୍ରିପାଠୀ, ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ, ମନ୍ମଥ ମିଶ୍ର, ଗୋକୁଳ ଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନା ଦାୟିତ୍ୱରେ ଅଛନ୍ତି।


କୁଞ୍ଜକାନ୍ତସ୍ଥିତ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି।

# ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା

**ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଚେତାବନୀ**

ଢେଙ୍କାନାଳ, ୨୩।୬(ରତନ ନାୟାର)

ବେତନ ବୃଦ୍ଧି ସମେତ ୧୦ ଦଫା ଦାବିରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇଛନ୍ତି ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ।

ସମସ୍ତ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ସୁରକ୍ଷା, ପ୍ରାପ୍ୟ ସିଧାସଳଖ ପ୍ରଦାନ, ଗ୍ରୁପ୍–ବି ବର୍ଗ କର୍ମଚାରୀଙ୍କୁ ମାସିକ ୪୦ ହଜାର, ଗ୍ରୁପ୍–ସି ବର୍ଗ କର୍ମଚାରୀଙ୍କୁ ୩୦ହଜାର ଏବଂ ଗ୍ରୁପ୍–ଡି–ବର୍ଗ କର୍ମଚାରୀଙ୍କୁ ୨୧ ହଜାର ଟଙ୍କା ଦରମା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏଥିସହ କାର୍ଯ୍ୟରୁ ଅନ୍ତର କରାଯାଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି, କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରି ବାର୍ଷିକ ୧୦% ହାରରେ ବେତନ ବୃଦ୍ଧି, ବରିଷ୍ଠ କର୍ମଚାରୀଙ୍କୁ ଅଧିକ ଆର୍ଥିକ ସହାୟତା, ଇଏସ୍‌ଆଇ, ଇପିଏଫ୍ ସୁବିଧା ପ୍ରଦାନ, ୬ବର୍ଷ କାର୍ଯ୍ୟ କରିବା ପରେ ଦୁର୍ଘଟଣାରେ ଭିନ୍ନକ୍ଷମ ହେଲେ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା, ମୃତ୍ୟୁ ଘଟିଲେ ୧୦ ଲକ୍ଷ ଟଙ୍କା ଓ ପରିବାରର ଜଣକୁ ଚାକିରି, ମହିଳା କର୍ମଚାରୀଙ୍କୁ ଦୁଇଥର ମାତୃତ୍ୱକାଳୀନ ଛୁଟି ପ୍ରଦାନ କରିବା ଲାଗି ଦୀର୍ଘଦିନ ହେଲା ଦାବି କରାଯାଉଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟ ସରକାର ପ୍ରତିଶ୍ରୁତି ପାଳନ କରୁ ନ ଥିବାରୁ ରାଜ୍ୟ ମହାସଂଘ ଆହ୍ୱାନରେ ଜିଲା ସଂଘ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ଲାଗି ନିଷ୍ପତ୍ତି ହୋଇଥିବା ଢେଙ୍କାନାଳ ସଂଘ ସଭାପତି ସମ୍ବିତ୍ ଦାସ, ସମ୍ପାଦକ ଜ୍ୟୋତିପ୍ରକାଶ ବିଶ୍ୱାଳ, ଗୌରବ ପ୍ରସାଦ ବେହେରା ସୂଚନା ଦେଇଛନ୍ତି।


ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ।

## ସଂକ୍ଷେପରେ

### ଶ୍ରୀମଦ୍ ଭାଗବତ କଥା ସପ୍ତାହ ଶୁଭାରମ୍ଭ

**ଆଠମଲ୍ଲିକ,୨୩।୬(ଉଦୀପ୍ତ ପୁରୋହିତ):** ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗଙ୍ଗାରାମ ଛକଠାରେ ଶ୍ରୀମଦ୍ ଭାଗବତ କଥା ସପ୍ତାହ ଶୁଭାରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୯ ଟାରେ ନାମ ସଂକୀର୍ତ୍ତନ ସହିତ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରାରେ ପବିତ୍ର ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଉତ୍ତରପ୍ରଦେଶରୁ ଆସିଥିବା ପଣ୍ଡିତ ଆଶିଷ ତିୱାରି ୭ଦିନ ବ୍ୟାପୀ ଭାଗବତ ପଠନ କରୁଛନ୍ତି। ସେହିପରି ପ୍ରବଚକ ଜୟ୍ ନାରାୟଣ ଶାସ୍ତ୍ରୀ ପ୍ରବଚନ ଦେଉଛନ୍ତି। ସୁନୀଲ କୁମାର ଅଗ୍ରୱାଲା, ମହାବୀର ଅଗ୍ରୱାଲା, ଅନିଲ ଅଗ୍ରୱାଲା, ମହେଶ ଅଗ୍ରୱାଲାଙ୍କ ସମେତ ବହୁ ଭାଗବତ ପ୍ରେମୀ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

### ଜରିମାନା ଆଦାୟ

**ବଇଣ୍ଡା,୨୩।୬(ପରିକ୍ଷିତ ସାହୁ):** ଆଠମଲ୍ଲିକ ବ୍ଲକ ତାପଢୋଲ ନିକଟରେ ଶୁକ୍ରବାର ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡିଗୁଡିକ ଯାଞ୍ଚ କରାଯାଇଥିଲା। ହେଲମେଟ ସହ ଲାଇସେନ୍ସ, କାଗଜପତ୍ର ଆଦି ଯାଞ୍ଚ କରାଯାଇ ୮୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ୮ଟି ମାମଲା ରୁଜୁ କରାଯାଇଥିଲା।

# ବନ ସଂରକ୍ଷଣ ସମିତି କାର୍ଯ୍ୟକୁ ପ୍ରଶଂସା

**ଅନୁଗୋଳ,୨୩।୬(ଅମିତ କୁମାର ସାମଲ)**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକ ବନଖଣ୍ଡ ତରଫରୁ ବାର୍ଷିକ ସମୀକ୍ଷା ବୈଠକ ଅନୁଗୋଳସ୍ଥିତ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ସହଭାଗିତାରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ବିଭିନ୍ନ ଅର୍ଥକରୀ ପ୍ରକଳ୍ପ ଦ୍ୱାରା ଅଞ୍ଚଳବାସୀଙ୍କ ଆୟ ବୃଦ୍ଧି ଏହି ସମୀକ୍ଷା ବୈଠକର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ଘାଟନ କରିବା ସହିତ ବନ ସୁରକ୍ଷା ସମିତି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ପ୍ରକଳ୍ପ ଦ୍ୱାରା ପରିଚାଳିତ ୭୫ଟି ବନ ସଂରକ୍ଷଣ ସମିତିର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ବନ ସଂରକ୍ଷଣ ଅଧିକାରୀ ସୁଧାଂଶୁ ଶେଖର ଖେରା ଯୋଗଦେଇ ଆଠମଲ୍ଲିକ ବନଖଣ୍ଡକୁ ରାଜ୍ୟର ଶ୍ରେଷ୍ଠ ବନଖଣ୍ଡ ଭାବେ ଉଦାହରଣ ସୃଷ୍ଟି କରିବା ସହିତ ବିଭିନ୍ନ ଆୟକାରୀ କାର୍ଯ୍ୟକ୍ରମ ଯଥା ଡିଜିଟାଲ ଶିକ୍ଷା, ମହୁଚାଷ, ସୌର ବିଦ୍ୟୁତ୍ ଆଦି ଦ୍ୱାରା ୭୫ ଗୋଟି ବନ ସଂରକ୍ଷଣ ସମିତିରେ ମୋଟ ୧୦ କୋଟି ଟଙ୍କାର



ଆଠମଲ୍ଲିକ ବନଖଣ୍ଡ ତରଫରୁ ବାର୍ଷିକ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଥିବା ପ୍ରକାଶ କରିଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଯଶୋବନ୍ତ ବେଉରିଆ ମୁଖ୍ୟ ସମୀକ୍ଷକ ଭାବେ ଯୋଗଦେଇ ମା ମାଣେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମା ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ କରିଥିବା କାର୍ଯ୍ୟକ୍ରମ ଦେଶ ବିଦେଶରେ ପ୍ରଶଂସିତ ହେବା ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ବନରାଜ ମହାବିଦ୍ୟାଳୟ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା, ସାତକୋଶିଆ ବନ୍ୟପ୍ରାଣୀ ଅଧିକାରୀ ଗୌରୀ ଶଙ୍କର ଦାସ ଓ ଅନୁଗୋଳ ବନଖଣ୍ଡ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କପୁଲା ୭୫ଗୋଟି ବନ ସଂରକ୍ଷଣ ସମିତି ମାଧ୍ୟମରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ରାଉରକେଲାର ଆଞ୍ଚଳିକ ବନ ସଂରକ୍ଷକ ଅରୁଣ କୁମାର ମିଶ୍ର ଯୋଗଦେଇ ଜଙ୍ଗଲ ସୁରକ୍ଷାରେ ଜନ ସହଯୋଗ ଓ ବନ ସଂରକ୍ଷଣ ସମିତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ ଅର୍ଚ୍ଚନା ଦେହୁରୀ, ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ସୁଚେତା କୁମାରୀ, ସହାୟକ ଜିଲା କୃଷି ଅଧିକାରୀ ପ୍ରଭାତୀ ରାମ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁବାଶିଷ କାନୁନଗୋ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣିମା ଉଦ୍‌ଗାତା, ଜିଲା ଉଦ୍ୟାନ ଅଧିକାରୀ ମନୋରଞ୍ଜନ ପଣ୍ଡା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ, ବାମୁର ବନାଞ୍ଚଳ ଅଧିକାରୀ ସରୋଜ କୁମାର ବେହେରା, ବିଶ୍ୱ ଯୁବ କେନ୍ଦ୍ରର ଅମରେଶ ପ୍ରସାଦ ଦାସ, ସଂଯୋଜକ କିଶୋର ନନ୍ଦ ପ୍ରମୁଖ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ଗିରିଜା ଶଙ୍କର ଦାସ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସର ପଡ଼ିଲା ମୂଳଦୁଆ

**କଣିହାଁ,୨୩।୬(ସଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚୟନ ହୋଇଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ ପାଇଁ ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଲେଆଉଟ୍‌ର ଶୁଭାରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଅର୍କିଳି ପଞ୍ଚାୟତର ୨୦ଜଣ ହିତାଧିକାରୀ, ସାନତ୍ରିବିଡା ପଞ୍ଚାୟତର ୨, ବାଲିପଶି ପଞ୍ଚାୟତର ୨୩, ହନୁମାନପୁର ପଞ୍ଚାୟତର ୯, କୁଲେଇ ପଞ୍ଚାୟତର ୨୦, ବିଜିଗୋଳ ପଞ୍ଚାୟତର ୧୫ ଜଣକୁ ମିଶାଇ ମୋଟ୍ ୮୯ ଜଣ ହିତାଧିକାରୀଙ୍କ ଘର ନିର୍ମାଣ ପାଇଁ ଲେଆଉଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ବିଭିନ୍ନ ଗ୍ରାମକୁ ଯାଇ ହିତାଧିକାରୀଙ୍କ ସହିତ ଏହି ଲେଆଉଟ୍ କାର୍ଯ୍ୟକ୍ରମରେ କଣିହାଁ ଏବିଡିଓ ହିମାଂଶୁ କୁମାର ନାୟକଙ୍କ ସହିତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ସାମିଲ ହୋଇଥିଲେ। ଏହାକୁ ନେଇ ଆବାସ ଯୋଜନାରେ ଉପକୃତ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି।


ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ସୂତା କଟାଯାଉଛି।

# ଶିକ୍ଷା ପ୍ରତିଭା ସମ୍ମାନ ପ୍ରଦାନ

**ଅନୁଗୋଳ,୨୩।୬ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଏମ୍‌ସିଏଲ୍ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଶିକ୍ଷା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୨–୨୩ ଶିକ୍ଷା ବର୍ଷରେ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କୋଭିଡ୍ ମହାମାରୀ ସମୟରେ ସେବା ଯୋଗାଇଥିବା କେବଲ ଅପରେଟରମାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯିବା ସହ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଗଗନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିସ୍ମୟ କୁମାର ଦାଶ, ଅରୁଣ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ଆୟୋଜକମାନେ।

# ଆଇନ ବିଷୟରେ ଜାଣିଲେ ଛାତ୍ରୀଛାତ୍ର



**ଅନୁଗୋଳ,୨୩।୬(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଶୁକ୍ରବାର ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ଅନୁଗୋଳ ରଶ୍ମିତା ଜ୍ୟୋତିଷୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଇନ ସେବା ପ୍ରାଧିକାରଣ ସଚିବ କମଳକାନ୍ତ ନାୟକ, ଅନୁଗୋଳ ଡିଏସ୍‌ପି ଯାଜ୍ଞସେନୀ ବେହେରା, ଡକ୍ଟର ସୁଜାତା ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଅନୁଗୋଳ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଡେପୁଟି ଚିଫ୍ ଲିଗାଲ ଏଡ ଡିଫେନ୍ସ କାଉନସେଲ ଅନୁଗୋଳ ବିନାୟକ ଗୋଦୁକା, ଆସିଷ୍ଟାଣ୍ଟ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ ଅନୁଗୋଳ ସୌମ୍ୟରଞ୍ଜନ ଦାଶ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁମିତା ଦାଶଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଙ୍କୁ ଯୌନ ଅପରାଧରୁ ସୁରକ୍ଷା, ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ, ସରକାରଙ୍କ ତରଫରୁ ପୀଡ଼ିତାଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା, ଯୌନ ନିର୍ଯାତନାରୁ ନିଜକୁ କେମିତି ରକ୍ଷା କରିଯିବ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଏଥିସହିତ ସମ୍ବିଧାନରେ ଥିବା ନାଗରିକମାନଙ୍କ ବିଭିନ୍ନ କର୍ତ୍ତବ୍ୟ ଏବଂ କିଶୋର ନ୍ୟାୟ ( ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଗୋଳ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ କମଳକାନ୍ତ ନାୟକ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ, ୬ ଗିରଫ

**ବଇଣ୍ଡା,୨୩।୬(ପରିକ୍ଷିତ ସାହୁ)**

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ଆମ୍ବମୁଣ୍ଡା ଗ୍ରାମର ଅଶାନ୍ତି ନାୟକ, କଦଳୀମୁଣ୍ଡା ଗ୍ରାମର ଶ୍ରୀବସ୍ତ ପ୍ରଧାନ, କୁଆଁଟରି ଗ୍ରାମର ରେଣ୍ଟୁ ପ୍ରଧାନ, ଗଦେଇମୁଣ୍ଡା ଗ୍ରାମର ବିଷ୍ଣୁ ଦେହୁରୀ, ଖଇରମୁଣ୍ଡା ଗ୍ରାମର ସଚିନ୍ଦ୍ର ମୁଣ୍ଡା ଏବଂ କୃଷ୍ଣ ମୁଣ୍ଡାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଅଧିକାରୀ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।


ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ହାଜର କରାଇଛି।

# ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ

**କଣିହାଁ,୨୩।୬(ସଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକରେ ନୂତନ ଶିକ୍ଷା ଅଧିକାରୀ ଭାବେ ଗୁରୁବାର ନରୋତ୍ତମ ପ୍ରଧାନ ଯୋଗଦାନ କରିଛନ୍ତି। ଏହାକୁ ନେଇ କଣିହାଁ ବ୍ଲକର ପ୍ରାଇମେରୀ ସ୍କୁଲ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହିତ କର୍ମଚାରୀ ମାନେ ଶୁକ୍ରବାର ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗୁଳୁ ଚରଣ ପ୍ରଧାନ, ଶିକ୍ଷକ ସଂଘ ସଭାପତି କିଶୋରଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା ଓ କର୍ମଚାରୀମାନେ ସାମିଲ ଥିଲେ। ପୂର୍ବରୁ ନରୋତ୍ତମ କିଶୋରନଗର ବ୍ଲକରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଛାତ୍ରୀଛାତ୍ରଙ୍କ ଉନ୍ନତି କିପରି ହୋଇପାରିବ ତା ଉପରେ ଧ୍ୟାନ ଦିଆଯିବ ବୋଲି ନୂଆ ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।


ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

## ଅଶ୍ଳୀଳ ଗ୍ରୁପ୍‌ରେ ଯୁବତୀଙ୍କ ନମ୍ବର ଛାଡ଼ିବା ଅଭିଯୋଗ

**ଅନୁଗୋଳ, ୨୩।୬ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଜଣେ ଯୁବତୀଙ୍କ ମୋବାଇଲ ନମ୍ବରକୁ ଜଣେ ଯୁବକ ଏକ ଅଶ୍ଳୀଳ ଗ୍ରୁପ୍‌ରେ ଛାଡ଼ିଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ଅନୁଗୋଳ ସାଇବର ପୋଲିସ ନଂ. ୧୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସମ୍ପୃକ୍ତା ଯୁବତୀ ଏକ ସୋସିଆଲ ସାଇଟ୍‌ରେ ଆକାଉଣ୍ଟ ଖୋଲିଥିଲେ। ପରେ ଉକ୍ତ ସାଇଟ୍‌ରେ ଅଭିଯୁକ୍ତ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଦୁହେଁ ଫୋନ୍ ନମ୍ବର ଓ ହ୍ୱାଟ୍ସଆପ୍‌ରେ ବାର୍ତ୍ତାଳାପ କରୁଥିଲେ। କିନ୍ତୁ ଯୁବତୀ ଜଣକ ବିବାହ ପାଇଁ ମନା କରିଦେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଯୁବତୀଙ୍କ ମୋବାଇଲ ନମ୍ବର ଏକ ଅଶ୍ଳୀଳ ଗ୍ରୁପ୍‌ରେ ଛାଡ଼ି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।


କଣିହାଁ ବ୍ଲକ ରେଙ୍ଗାଲି ଥାନା ବଜ୍ରକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ନିଆଁକୁ ଲିଭାଯାଉଛି। ଏଥିରେ ଔଷଧ ସହିତ ଭ୍ୟାକ୍ସିନ୍ ସଂରକ୍ଷିତ କରାଯାଉଥିବା ୩ଟି ଫ୍ରିଜ, ଗୋଟିଏ ଇନଭର୍ଟର ବ୍ୟାଟେରି ଓ ୨ଟି ସିଲିଂ ଫ୍ୟାନ୍ ଜଳିଯାଇଛି।

# ଡ. ଶ୍ୟାମା ପ୍ରସାଦଙ୍କ ବଳିଦାନ ଦିବସ

**ଅନୁଗୋଳ,୨୩।୬(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ ଯୋଗଦେଇ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ଡ. ମୁଖାର୍ଜୀ ଭାରତର ଅଖଣ୍ଡତା ପାଇଁ ବଳିଦାନ ଦେଇଥିବା ବେଳେ ପ୍ରକାଶ କରିଥିଲେ। ତାଙ୍କରି ଆଦର୍ଶରେ ଭାଜପା କାର୍ଯ୍ୟକର୍ତ୍ତାମାନେ ପରିଚାଳିତ ହେବା ପାଇଁ ପାଣି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଚିର ଅମର ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।


ବଳିଦାନ ଦିବସରେ ଭାଜପା କର୍ମକର୍ତ୍ତାମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ଉପାନ୍ତ ଗାଁରେ ନିଶା ମୁକ୍ତି ଅଭିଯାନ

**ଢେଙ୍କାନାଳ, ୨୩।୬(ରତନ ନାୟାର)**

ଢେଙ୍କାନାଳ ଜିଲାର ଆଦିବାସୀବହୁଳ କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ କାନ୍ତୋଲ ପଞ୍ଚାୟତର ଏକୁଳ, ପୁଚ୍ଛିପାଳ ଗ୍ରାମରେ ନିଶା ମୁକ୍ତି ଅଭିଯାନ ସଂକ୍ରାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଓ ଜିଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଇଥିଲା।

ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ଆଲୋଚନାରେ ଭାଗନେଇ କହିଲେ, ନିଶା ସେବନ ଦ୍ୱାରା ସ୍ୱାସ୍ଥ୍ୟହାନି ହେଉଛି। ସାମାଜିକ ଜୀବନର ସନ୍ତୁଳନ ବିଗିଡ଼ିଯାଉଛି। ନିଶାଠାରୁ ଦୂରେଇ ରହିଲେ ଜୀବନ ସୁଖମୟ ହେବ। ମାନସିକତାରେ ପରିବର୍ତ୍ତନ ଆସିଲେ ନିଶା ମୁକ୍ତି ସମାଜ ଗଠନ ସମ୍ଭବ। ଏ କ୍ଷେତ୍ରରେ ଆଧ୍ୟାତ୍ମିକତା, ରାଜଯୋଗ ବେଶ୍ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ବି.କେ. ସୁକାନ୍ତି, ବି.କେ. ରୀନା, ଶିଶୁ ଗବେଷକ ଡ. ବିରଞ୍ଚି ନାରାୟଣ ସେଠ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବି.କେ. ସୁରେଶ ନିଶାସେବନର କୁପରିଣତି ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଉଭୟ ଗ୍ରାମରେ ନିଶାଠାରୁ ଦୂରେଇ ରହିବା ପାଇଁ ଗ୍ରାମବାସୀଙ୍କୁ ଶପଥପାଠ କରାଯାଇଥିଲା। ବି.କେ. ସରୋଜ, ସୋମଦତ୍ତ, ନୃସିଂହ ପ୍ରମୁଖ ଉପସ୍ଥିତ ଥିଲେ।


ନିଶା ମୁକ୍ତି ଅଭିଯାନ ସଂକ୍ରାନ୍ତ ସଚେତନତା ଶିବିର।

# ଡାଲା ଅଟୋ ଧକ୍କାରେ ୱାଚର ଗୁରୁତର

**ଛେଣ୍ଡିପଦା,୨୩।୬(ଅଜିତ ଧଳ)**

ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଜରପଡ଼ା ଥାନା ମରାତିରା ଗ୍ରାମ ଛକ ନିକଟରେ ଶୁକ୍ରବାର ଏକ ଆମୁଲ ବୋଝେଇ ଡାଲା ଅଟୋ ସହ ମୋଟରସାଇକେଲ ଧକ୍କା ହେବାରୁ ମୋଟରସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଜରପଡା ବନାଞ୍ଚଳରେ କାର୍ଯ୍ୟରତ ୱାଚର ବିଭୂତି ଦଳେଇ(୪୮)। ତାଙ୍କ ଘର ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମରେ। ବିଭୂତି ୱାଚର ସଂଘ ସଦସ୍ୟଙ୍କ ସହ ଅନୁଗୋଳରୁ ବାଇକ୍ ଫେରୁଥିବାବେଳେ ଅଟୋ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇ ଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି। ଖବରପାଇ ଜରପଡା ପୋଲିସ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# କୂଅକୁ ଖସି ମହିଳା ଗୁରୁତର

**ଛେଣ୍ଡିପଦା,୨୩।୬(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଟେଣ୍ଟୁଲୋଇ ଭାଲୁପାଳ ଗ୍ରାମରେ ଶୁକ୍ରବାର ଜଣେ ମହିଳା କୂଅରୁ ପାଣି କାଢୁଥିବାବେଳେ ଗଳିପଡି ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ଜଣକ ହେଲେ ଭାଲୁପାଳ ଗ୍ରାମର ତପସ୍ୱିନୀ ବିଶ୍ୱାଳ। ତପସ୍ୱିନୀ ପୂର୍ବାହ୍ନ ୧୦ଟା ବେଳେ ତାଙ୍କ ଅଗଣାରେ ଥିବା କୂଅରୁ ପାଣି କାଢୁଥିବାବେଳେ ଭିତରକୁ ଖସି ପଡିଥିଲେ। ଖବରପାଇ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ।

